# Akashvani, Sambalpur

## SAMBALPURI NEWS EVENING BULLETIN

## 22 October 2024- 7.02 pm- 7.12 pm.

*********************************************

୧- ସାମୁଦ୍ରିକ ଝଡ଼ 'ଦାନା' ଆଏବାକାଏଲ୍‌ତକ୍ ବାତ୍ୟାର ରୂପ୍ ନେବା ବଲି ପାଣିପାଗ୍ ବିଭାଗ୍‌ର ଅନୁମାନ୍ ।

- ଓଡ଼ିଶା ନ ବାତ୍ୟାର୍ ପ୍ରଭାବ୍ ବାବ୍‌ଦେ ଇହାଦେତକ୍ ନୁହେଁ ହୁଏ ଆକଲନ୍ ।

୨- ଆଏବା କାଏଲ୍‌ନୁ ୨୫ ତାରିଖ୍‌ତକ୍ ୧୪ ଟା ଜିଲ୍ଲା ନ ବନ୍ଦ୍ ରହେବା ବିଶ୍ୱବିଦ୍ୟାଳୟ, କଲେଜ୍ ଆଉ ସ୍କୁଲ୍ ।

୩- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ମାସର୍ ୧୫ ତାରିଖ୍ ଦିନ ଓଡ଼ିଶା ଗସ୍ତ୍‌ଥି ଆସ୍‌ବେ ।

ଆଉର୍

୪- ସମ୍ବଲପୁର୍ ଜିଲ୍ଲା ଆନ୍ତଃସ୍କୁଲ୍ ଫୁଟ୍‌ବଲ୍‌ର ଆଝିର୍ ଖେଲ୍‌ଥି ଜିତ୍‌ଲେ ମୁଢେନ୍‌ପାଲି ଆର୍ ଚିପିଲିମା ଦଲ୍ ।

ବାତ୍ୟା- ୧ ଆର୍‌ଏନ୍‌ୟୁ/ କଟକ୍

ସାମୁଦ୍ରିକ ଝଡ଼ 'ଦାନା' ଆଏଜ୍ ଗଭୀର ଅବପାତ ର ରୂପ୍ ନେଇଛେ । ଆଏବା କାଏଲ୍‌ତକ୍ ଇଟା ବାତ୍ୟାଥି ପରିଣତ୍ ହେବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ । ଦାନାର ଭୀଷଣତା ଆଉ ଗତି ନେଇକରି ଭିନ୍ ଭିନ୍ ପାଣିପାଗ୍ ମୋଡ଼େଲ୍ ଆଗୁଆ ଅନୁମାନ୍ କରିଛନ୍ । ପାଣିପାଗ୍ ବିଭାଗ୍ ତର୍‌ଫୁ ଜାରି କରାଯାଇଥିବା ସୂଚ୍‌ନା ଅନ୍‌ସାରେ ଆଏବା ଗୁରୁବାର୍ ରାତି ସାଢ଼େ ୧୧ ବଜେ ବେଲ୍‌କେ ଇଟା ଭୂଇଁକେ ଛୁଇଁବାର୍ ଅନୁମାନ୍ ରହିଛେ । ଭୂଇଁକେ ଛୁଇଁବାର୍ ସମିଆଥି ପବନ୍‌ର ଗତି ଘଂଟାକ ଶହେ ନୁ ଶହେ ୨୦ କଲୋମିଟର୍ ଭିତ୍‌ରେ ରହେବା ବଲି ଅନୁମାନ୍ କରାଯାଇଛେ । ଇତାର୍‌ବଲେ ଗୁରୁବାର୍ ଆର୍ ଶୁକ୍ରବାର୍ ଦିନ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଅତିପ୍ରବଲ୍ ବର୍ଷାର ସମ୍ଭାବନା ଥିବାର୍‌ନୁ ପାଣିପାଗ୍ ବିଭାଗ୍ ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ମିଲିଥିବାର୍ ସୂଚ୍‌ନା ଅନ୍‌ସାରେ ବାତ୍ୟା ବାଙ୍ଗ୍‌ଲାଦେଶ୍ ମୁହାଁ ହେବାର୍ ସମ୍ଭାବନା ରହିଛେ । ଓଡ଼ିଶା ନ ବାତ୍ୟାର୍ ପ୍ରଭାବ୍ ନେଇକରି ଇହାଦେତକ୍ ଆକଲନ୍ ନାଇଁ କରାଯାଇ । ସେଆଡ଼େ ଭଦ୍ରକ୍, ଯାଜ୍‌ପୁର୍, କେନ୍ଦୁଝର୍, ମୟୁର୍‌ଭଞ୍ଜ୍ ଆର୍ ସମୁଦ୍ରକୁଲିଆ ଇଲାକାମାନ୍‌କେ ଘୂର୍ଣ୍ଣିଝଡ଼ ଆର୍ ବାତ୍ୟାର୍ ପ୍ରଭାବ୍ ରହିପାରେ ବଲି କୁହାଯାଇଛେ ।

ସମ୍ଭାବ୍ୟ ବାତ୍ୟା-୨- ରାଜସ୍ୱ ମନ୍ତ୍ରୀ        ଆର୍ଏନ୍‌ୟୁ/ କଟକ୍

ସମ୍ଭାବ୍ୟ ବାତ୍ୟାର୍ ମୁକାବିଲା ଲାଗି ତୃଣମୂଲ ସ୍ତର୍ ନ ତୟାରି ଶେଷ୍ ହେଇଛେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । ଗଣମାଧ୍ୟମ୍‌କେ ପ୍ରତିକ୍ରିୟା ଦେଖକରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ଯେ, ବାତ୍ୟାର୍ ଲାଗି ପ୍ରଭାବିତ୍ ହେବାର୍‌କେ ଥିବାର୍ ଇଲାକାର୍ ଲୁକ୍‌କୁ ଆଏବାକାଏଲ୍ ରାତିତକ୍ ସ୍ଥାନାନ୍ତର୍ କର୍‌ବାର୍ ଲାଗି ଜିଲ୍ଲା ପ୍ରଶାସନ୍‌କେ ନିର୍ଦ୍ଦେଶ୍ ଦିଆୟାଇଛେ । ଇ ଜିଲ୍ଲାମାନ୍‌କେ ୨ ଶହ ୫୦ ଟା ରିଲିଫ୍ ସେଂଟର୍ ଖୁଲ୍‌ବାର୍ ଲାଗି ବ୍ୟବସ୍ଥା କରାୟାଇଛେ । ରିଲିଫ୍ ସେଂଟର୍‌ମାନ୍‌କେ ସୁରକ୍ଷା ୟୁଗାବାର୍‌କେ ପୁଲିସ୍ ବନ୍ଦୋବସ୍ତ କରାୟାଇଛେ । ଅନ୍ତସତ୍ୱା, ଛୁଆ ଆର୍ ବୟସ୍କ ମାନ୍‌କୁ ବାତ୍ୟା ଆଗ୍ରୁ ନିରାପଦ୍ ଜାଗାକେ ନେବାର୍ ଲାଗି ପରାମର୍ଶ ଦିଆୟାଇଛେ । ସର୍‌କାରୀ ଆଶ୍ରୟସ୍ଥଲ୍ ବାହାରେ ଆଉ ୫ ଶହ ଟା ଅସ୍ଥାୟୀ ଶିବିର ଭିଲ୍ ପ୍ରସ୍ତୁତ୍ କରାୟାଇଛେ । ଉଷୋ, ରନ୍ଧା ଆଉ ଶୁଖ୍‌ଲା ଖାଏବାର୍ ଦରବ୍ ମହଜୁଦ୍ ରଖାୟାଇଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ବାତ୍ୟା- ଉପମୁଖ୍ୟମନ୍ତ୍ରୀ        ପି.ଆର୍

ସମ୍ଭାବ୍ୟ ବାତ୍ୟା ଦାନାକେ ନଜର୍‌ଥି ରଖିକରି ବାତ୍ୟା ଆଶଙ୍କା ଥିବାର୍ ଜିଲ୍ଲାମାନ୍‌କେ କାମ୍ କରୁଥିବା ଜିଲ୍ଲାସ୍ତରୀୟ, ବ୍ଲକ୍‌ସ୍ତରୀୟ, ଗ୍ରାମ୍‌ପଂଚାୟତ୍‌ସ୍ତରୀୟ ଆର୍ କ୍ଲଷ୍ଟର୍‌ସ୍ତରୀୟ ମହାସଂଘର୍ ସବୁ ସ୍ୱୟଂସହାୟକ ଗୋଷ୍ଠୀର୍ ସଦସ୍ୟାମାନ୍‌କୁ ଥିତିର୍ ମୁକାବିଲା ଲାଗି ଜିଲ୍ଲା ପ୍ରଶାସନ୍‌କେ ସହଯୋଗ୍ କର୍‌ବାର୍‌କେ ଉପମୁଖ୍ୟମନ୍ତ୍ରୀ ଆଉ ମହିଳା, ଶିଶୁ ବିକାଶ୍, ମିଶନ୍ ଶକ୍ତି ଆଉ ପର୍ଯ୍ୟଟନ୍ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଅନୁରୋଧ୍ କରିଛନ୍ । ଜିଲ୍ଲା ପ୍ରଶାସନ୍ ସହେତେ ଲୁକ୍‌କୁ ସହଯୋଗ୍‌ର ହାତ୍ ବଢ଼ାବାର୍ ଲାଗି ଭିଲ୍ ଶ୍ରୀମତୀ ପରିଡ଼ା ସ୍ୱୟଂ ସହାୟକ ଗୋଷ୍ଠୀର୍ ସଦସ୍ୟମାନ୍‌କୁ ଅନୁରୋଧ୍ କରିଛନ୍ ।

ବାତ୍ୟା ବାବ୍‌ଦେ ମୁଖ୍ୟଶାସନ୍ ସଚିବଙ୍କର୍ ବୈଠକ୍ ପ୍ରେସ୍ ରିଲିଜ୍

ସମ୍ଭାବ୍ୟ ବାତ୍ୟାକେ ନଜର୍‌ଥି ରଖିକରି ସବୁ ଜେନେରେଟରମାନ୍‌କର୍ ଯେତେ ଜଲ୍‌ଦି ହେବା ଚଲ୍‌ତି ଥିତିର୍ ଯାଂଚ୍ ଲାଗି ଜଲ୍‌ଦି ଟ୍ରାଏଲ୍ ରନ୍ କର୍‌ବାର୍‌କେ ମୁଖ୍ୟ ଶାସନ୍ ସଚିବ ମନୋଜ୍ କୁମାର୍ ଆହୁଜା ନିର୍ଦ୍ଦେଶ୍ ଦେଇଛନ୍ । ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଗୁଟେ ସଚିବସ୍ତରୀୟ ବୈଠକ୍‌ଥି ଅଧକ୍ଷତା କରିକରି ମୁଖ୍ୟ ଶାସନ୍ ସଚିବ ଲୁକ୍‌କୁ ସମ୍ଭାବ୍ୟ ବାତ୍ୟା ଆଉ ବାତ୍ୟା ଉତାରର୍ ସମିଆଥି ଟେଲିଫୋନ୍ ସେବା, ବିଦ୍ୟୁତ୍ ଶକ୍ତି, ପିଇବାର୍ ପାଏନ୍ ଯୋଗାଣ, ସ୍ୱାସ୍ଥ୍ୟ

ସେବା ଯୁଗାବାର୍ ସହେତେ ଶିକ୍ଷାନୁଷ୍ଠାନ୍‌ମାନ୍‌କୁ ଚାଲୁ କର୍‌ବାର୍ ବାବ୍‌ଦେ ଜୋର୍ ଦେଇଥିଲେ । ହେନ୍ତା ଆଏବା କାଏଲ୍ ଆର୍ ପର୍‌ଦିନ ଓଭର୍‌ହେଡ୍ ପାଣିଟାଙ୍କିମାନ୍‌କୁ ଶହେ ପ୍ରତିଶତ୍ ପୂର୍ଣ୍ଣ କାର୍ଯ୍ୟକ୍ଷମ ରଖ୍‌ବାର୍‌କେ ବୈଠକ୍‌ଥି ନିର୍ଦ୍ଦେଶ୍ ଦିଆଯାଇଥିଲା ।

ବାତ୍ୟା ମୁକାବିଲା - ଏନ୍‌ଡିଆର୍‌ଏଫ୍ ଆର୍‌ଏନ୍‌ୟୁ/ କଟକ୍

ବାତ୍ୟା 'ଦାନା'ର ମୁକାବିଲା ଲାଗି ମୁଣ୍ଡୁଲି ଠାନେ ଥିବାର୍ ଏନ୍‌ଡିଆର୍‌ଏଫ୍ ତୟାର୍ ରହିଛେ । ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ ସୂଚ୍‌ନା ଅନ୍‌ସାରେ ମୁଣ୍ଡୁଲି ନ ଥିବାର୍ ଏନ୍‌ଡିଆର୍‌ଏଫ୍‌ର ୧୦ ଟା ଦଲ୍ ପୁରୀ, ଜଗତ୍‌ସିଂହପୁର୍, କେନ୍ଦ୍ରାପଡ଼ା, ଭଦ୍ରକ୍, ବାଲେଶ୍ୱର୍ ଆର୍ ମୟୁର୍‌ଭଞ୍ଜ୍ ଜିଲ୍ଲା ନ ପୁହୁଁଚିଛନ୍ । ସମ୍ଭାବ୍ୟ ବାତ୍ୟା ପ୍ରଭାବିତ୍ ଜିଲ୍ଲା ନ ଏନ୍‌ଡିଆର୍‌ଏଫ୍‌ର ୧୭ ଟା ଦଲ୍‌କେ ମୁତୟନ୍ କରାଯାଇଥିବାର୍ ବେଲେ ଜରୁରୀ ଦର୍‌କାର୍ ଲାଗି ୩ କମ୍ପାନୀ ଏନ୍‌ଡିଆରଏଫ୍‌ଙ୍କୁ ତୟାର୍ ରଖାଯାଇଛେ । ଆଉ ୧୦ କମ୍ପାନୀ ଟିମ୍ ପଠାବାର୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କୁ ରାଜ୍ୟ ସର୍‌କାର୍ ଅନୁରୋଧ୍ କରିଥିବାର୍ ଜନାପଡ଼ିଛେ ।

ବାତ୍ୟା ମୁକାବିଲା- ଆଇଏଏସ୍‌ଙ୍କୁ ଦାୟିତ୍ୱ /ଆର୍‌ଏନ୍‌ୟୁ/ସମ୍ବଲପୁର

ସେଆଡ଼େ ଥିତିର୍ ମୁକାବିଲାର୍ ଲାଗି ୬ ଝନ୍ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ୬ ଟା ଜିଲ୍ଲା ନ ପରିଚାଳନା ଦାୟିତ୍ୱ ଦିଆଯାଇଛେ । କେ. ସୁଦର୍ଶନ ଚର୍କବର୍ତୀଙ୍କୁ ବାଲେଶ୍ୱର୍, ତ୍ରିଲୋଚନ ମାଝୀଙ୍କୁ ଭଦ୍ରକ, ବଲ୍‌ୱନ୍ତ ସିଂ ଙ୍କୁ ପୁରୀ, ଭିନିତ୍ ଅଗ୍ରୱାଲଙ୍କୁ ମୟୁର୍‌ଭଞ୍ଜ୍, ଯାମିନୀ ଷଡ଼ଙ୍ଗୀଙ୍କୁ ଜଗତ୍‌ସିଂହପୁର୍ ଆର୍ ସମର୍ଥ ବର୍ମାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ନ ପରିଚାଳନା ଦାୟିତ୍ୱ ଦିଆଯାଇଥିବାର୍ ଜନାପଡ଼ିଛେ ।

ବାତ୍ୟା ସ୍କୁଲ୍ ଛୁଟି- ସ୍ୱାସ୍ଥ୍ୟ ବିଭାଗ୍ ତୟାରି/ଆର୍‌ଏନ୍‌ୟୁ ସମ୍ବଲପୁର

ସମ୍ଭାବ୍ୟ ବାତ୍ୟାକେ ନଜର୍‌ଥି ରଖିକରି ଉତର୍ ଆଉ କେନ୍ଦ୍ର ଓଡ଼ିଶାର୍ ୧୪ ଟା ଜିଲ୍ଲାର୍ ବିଶ୍ୱବିଦ୍ୟାଳୟ, କଲେଜ୍ ଆଉ ବୈଷୟିକ ଶିକ୍ଷାନୁଷ୍ଠାନ୍‌ମାନ୍‌କୁ ଆଏବା କାଏଲ୍‌ନୁ ୨୫ ତାରିଖ୍‌ତକ୍ ରାଜ୍ୟ ସର୍‌କାର୍ ଛୁଟି ଘୋଷ୍‌ନା କରିଛନ୍ । ଇ ବାବ୍‌ଦେ ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ହେନ୍ତା ଇ ଜିଲ୍ଲାମାନ୍‌କର୍ ସବୁ ସ୍କୁଲ୍ ମାନେ ଭିଲ୍ ଇ ସମିଆଥି ବନ୍ଦ୍ ରହେବା ବଲି ରିଲିଫ୍

କମିଶନରଙ୍କର୍ ତର୍ଫୁ ସ୍କୁଲ୍ ଆଉ ଗଣଶିକ୍ଷା ବିଭାଗ୍କେ ସୂଚ୍ନା ଦିଆଯାଇଥିବାର୍ ଜନାପଡ଼ିଛେ ।

ଟ୍ରେନ୍ ବାତିଲ୍ ଆର୍ଏନ୍ୟୁ/ ସମ୍ବଲପୁର

ସମ୍ଭାବ୍ୟ ବାତ୍ୟାକେ ନଜର୍ଥି ରଖିକରି ରେଲ୍ବାଇ ତର୍ଫୁ ଓଡ଼ିଶା ଦେଇକରି ଯା'ଆସ୍ କରୁଥିବା ଶହେ ୯୮ ଟା ଟ୍ରେନ୍କେ ବାତିଲ୍ କରାଯାଇଛେ । ଇତାର୍ ଭିତ୍ରେ ଶହେ ୩ ଟା ଡାଉନ୍ ଆର୍ ୯୫ ଟା ଅପ୍ ଟ୍ରେନ୍ ରହିଛେ । ଇ କଟ୍କନା ଆଏବାକାଏଲ୍ନୁ ୨୫ ତାରିଖ୍ତକ୍ ଲାଗୁ ରହେବା । ବନ୍ଦ୍ ଟ୍ରେନ୍ ମାନ୍କର୍ ଭିତ୍ରେ ପୁରୀ-ସମ୍ବଲପୁର, ଭୁବ୍ନେଶ୍ୱର୍- ସୋନ୍ପୁର୍, ଜୁନାଗଡ଼୍ରୋଡ଼୍-ଭୁବନେଶ୍ୱର, ସାଲିମାର୍-ସମ୍ବଲପୁର, ସୋନ୍ପୁର୍ ଭୁବ୍ନେଶ୍ୱର୍, ରାଉର୍କେଲା- ପୁରୀ, ସୋନ୍ପୁର୍-ପୁରୀ, ଦୁର୍ଗ-ପୁରୀ, ହାଟିଆ-ପୁରୀ, ରାଉର୍କେଲା-ଗୁଣୁପୁର, ସମ୍ବଲପୁର-ସାଲିମାର୍, ସମ୍ବଲପୁର-ପୁରୀ, ରାଉର୍କେଲା-ପୁରୀ ଟ୍ରେନ୍ ମାନ୍ ରହିଛେ ।

ପ୍ରଧାନ୍ମନ୍ତ୍ରୀ ଓଡ଼ିଶା ଗସ୍ତ ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ମାସର୍ ୧୫ ତାରିଖ୍ ଦିନ ଓଡ଼ିଶା ଗସ୍ତଥି ଆସ୍‌ବେ । ସେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ୍ ବନ୍ଦର୍ ନ ଉତ୍‌ରିଲା ଉତ୍‌ରୁ ରାଉର୍‌କେଲା ଯିବେ । ଜନଜାତି ଗୌରବ୍ ଦିବସ୍ ଉଲ୍‌ଗୁନେ ପ୍ରଧାନ୍‌ମନ୍ତ୍ରୀ ଇ ଗସ୍ତ ସମିଆଥି ରାଉର୍‌କେଲା ଠାନେ ଓଡ଼ିଆ ଅସ୍ମିତା କେନ୍ଦ୍ରର୍ ଭିତିପ୍ରସ୍ତର୍ ଥାପ୍‌ନା କର୍‌ବେ । ଶହୀଦ୍ ମାଧୋସିଂ ହାତଖର୍ଚ୍ଚ ବୃତି ଯୋଜନା ବିତରଣ ମୁଲ୍ କର୍‌ବେ ବଲି କେନ୍ଦ୍ର ଆଦିବାସୀ ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍ ସୂଚ୍‌ନା ଦେଇଛନ୍ । ଇ ଗସ୍ତ ସମିଆଥି ପ୍ରଧାନ୍‌ମନ୍ତ୍ରୀ ୪ ଶହ ୫୦ ଟା ପ୍ରାଥମିକ ସ୍କୁଲ୍ ଛାତ୍ରାବାସ୍‌ର ଶିଲାନ୍ୟାସ୍ କର୍‌ବେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୭ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୫ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍,

ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଳିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଅଙ୍ଗନବାଡ଼ି ବୃତିଭିତକ ତାଲିମ୍ ପ୍ରେସ୍ ରିଲିଜ୍

ରାଜ୍ୟର୍ ଅଙ୍ଗନବାଡ଼ି କର୍ମୀ ଆଉ ସୁପର୍‌ଭାଇଜର୍ ମାନ୍‌କର୍ ବୃତିଭିତିକ ତାଲିମ୍ କାର୍ଯ୍ୟକ୍ରମ୍ ଆଏଜ୍‌ଠାନୁ ଭୁବ୍‌ନେଶ୍ୱର୍‌ର ରାଜ୍ୟ ମହିଳା ଆଉ ଶିଶୁ ବିକାଶ୍ ପ୍ରତିଷ୍ଠାନ୍ ନ ମୁଲ୍ ହେଇଛେ । ୩୨ ଦିନ୍‌ତକ୍ ଚାଲ୍‌ବାର୍‌କେ ଥିବାର୍ ଇ ତାଲିମ୍ କାର୍ଯ୍ୟକ୍ରମ୍‌ଥି ପହେଲା ଖେପେ ଅନୁଗୁଲ୍ ସହେତେ ୪ ଟା ଜିଲ୍ଲାର୍ ଶହେ ୪୦ ଝନ୍ ଅଙ୍ଗନବାନି କର୍ମୀ ଆର୍ ସୁନ୍ଦର୍‌ଗଡ଼୍ ଆର୍ ଝାର୍‌ସୁଗୁଡ଼ା ସହେତେ ୬ ଟା ଜିଲ୍ଲାର୍ ୨୫ ଝନ୍ ସୁପର୍‌ଭାଇଜର୍‌ଙ୍କୁ ପ୍ରଶିକ୍ଷଣ୍‌ଥି ସାମିଲ୍ କରାଯାଇଛେ ।

ଆଇଆଇଏମ୍ ସମ୍ବଲ୍‌ପୁର୍ ସମ୍ବଲପୁର ସମ୍ବାଦଦାତା

ଆଇଆଇଏମ୍ ସମ୍ବଲ୍‌ପୁର୍ ତର୍‌ଫୁ ଦିଲ୍ଲୀ କେମ୍ପସ୍ ଠାନେ ବ୍ୟବସାୟ ଉକର୍ଷତା ଲାଗି ମହିଳା ନେତୃତ୍ୱ ବାବ୍‌ଦେ ଗୁଟେ

ସମ୍ମିଲନୀ 'ମର୍ମଜ୍ଞ' ବିଜ୍‌ନେସ୍ କନ୍‌କ୍ଲେଭ୍ ହେଇଯାଇଛେ । ଦେଶେ ମହିଲା ଆଉ ପୁରୁଷ ମାନ୍‌କର୍ ଭିତ୍‌ରେ ସମାନତା ଆନ୍‌ବାର୍ ଲାଗି ଥିବା ଜାତୀୟ ଆବଶ୍ୟକତାକେ ନଜର୍‌ଥି ରଖିକରି ଇ ସମ୍ମିଲନୀ କରାଯାଉଛେ ବଲି ଆଇଆଇଏମ୍ ସମ୍ବଲ୍‌ପୁର୍‌ର ନିର୍ଦ୍ଦେଶକ ମହାଦେଓ ଯୟଶ୍ୱାଲ୍ କହିଛନ୍ । କାର୍ଯ୍ୟକ୍ରମ୍‌ଥି ବଡ଼ ବଡ଼ ଶିଳ୍ପ ଆଉ ବ୍ୟବସାୟିକ ପ୍ରତିଷ୍ଠାନ୍‌ର ମହିଲା ଅଧିକାରୀମାନେ ଭାଗ୍ ନେଇଥିଲେ ।

ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ସଂଖ୍ୟା-୧ ଠାନେ ଚାଲିଥିବା ସଙ୍କୁଳସ୍ତରୀୟ ରାଷ୍ଟ୍ରୀୟ ଏକତା ପର୍ବ ଆଏଜ୍ ଉଦ୍‌ଯାପିତ ହେଇଛେ । ଇଥି ସମ୍ବଲପୁର, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ଦେବ୍‌ଗଡ଼୍, ବୌଦ୍ଧ ଜିଲ୍ଲାର୍ ୩ ଶହ ୨୧ ଝନ୍ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଇନର୍ କୃତି ପ୍ରତିଯୋଗୀମାନେ ଆଏବା ୨୮ ଆର୍ ୨୯ ତାରିଖ୍ ଦିନ କେନ୍ଦ୍ରୀୟ ବିଦ୍ୟାଳୟ, କଟକ୍ ନ ହେବାର୍‌କେ ଥିବାର୍ ସମ୍ଭାଗ ସ୍ତରୀୟ ପ୍ରତିଯୋଗିତାଥି ଭାଗ୍ ନେବେ ।

ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ରୋଡ୍ ଠାନେ ଆଏଜ୍ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଉଦ୍‌ଘାଟିତ୍ ହେଇଛେ । ନୂଆଁ ବିଲ୍‌ଡିଂଥି ଇ କାର୍ଯ୍ୟାଳୟ ର ଉଦ୍‌ଘାଟନ୍ କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର କୁମାର୍ ବାର୍ଲାଙ୍କର୍ ସହେତେ ଜିଲ୍ଲାର୍ ଭିନ୍ ଭିନ ଜାଗାର୍ ଶ୍ରମିକମାନେ ସାମିଲ୍ ହେଇଥିଲେ ।

ଶ୍ରୀଅନ୍ନ ସଚେତନତା କର୍ମଶାଳା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବୋଡ଼େନ୍ ବ୍ଲକ୍ ନ ବିଲୁପ୍ତ ପ୍ରାୟ ଖାଦ୍ୟଶସ୍ୟର୍ ଉଦ୍ଧାର୍ ଲାଗି ଶ୍ରୀଅନ୍ନ ସଚେତନତା କର୍ମଶାଳା ହେଇଯାଇଛେ । ଇଥି ୭ଟା ଗ୍ରାମ୍‌ପଂଚାୟତ୍‌ର ଚାଷୀ, ବିଭାଗୀୟ କ୍ଷେତ୍ର ଅଧିକାରୀ, ନିର୍ବାଚିତ ପ୍ରତିନିଧି ଆର୍ ଦ୍ୱାରସେନୀ ମିଲେଟ୍ ଉତ୍ପାଦକ କମ୍ପାନୀର୍ ନିର୍ଦ୍ଦେଶକ୍‌ମାନେ ସାମିଲ୍ ହେଇଥିଲେ । ଜିଲ୍ଲା କୃଷି ବିଭାଗ୍‌ର ସାହାଜିଥି ଇ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଥିଲା ।

ବାତ୍ୟା-୩- କଂଟ୍ରୋଲ୍‌ରୁମ୍-ସ୍ୱାସ୍ଥ୍ୟବିଭାଗ୍ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ବିଭାଗ୍ ତର୍‌ଫୁ ସତର୍କତା ମୂଳକ୍ ପଦକ୍ଷେପ୍ ନିଆଯାଉଥିବାର୍ ବେଲେ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ

ଜିଲ୍ଲା ଉପଖଣ୍ଡ ଆଉ ବ୍ଲକ୍‌ସ୍ତର୍ ନ ୨୪ ଘଂଟିଆ କଂଟ୍ରୋଲ୍ ରୁମ୍ ଖୁଲ୍‌ବାର୍‌କେ କୁହାଯାଇଛେ । ସେନ୍ତା ବାତ୍ୟା ସମିଆଥି ମହିଳା, ଛୁଆ ଆଉ ବୟସ୍କ ମାନ୍‌କୁ ଉପଯୁକ୍ତ ଧ୍ୟାନ ଦେବାର୍‌କେ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ଓଆର୍‌ଏସ୍, ଦର୍‌କାରୀ ଉଷୋ, ସାଁପ୍‌ଚବା ଇଞ୍ଜେକ୍‌ସନ୍ ମହଜୁଦ୍ ରଖ୍‌ବାର୍‌କେ କୁହାଯାଇଛେ । ସେଆଡ଼େ ପୁରୀକେ ଅଲ୍‌ଗା ରାଏଜୁ ଆସିଥିବା ପର୍ଯ୍ୟଟକମାନ୍‌କୁ ସତର୍କତାମୂଲକ୍ ପଦକ୍ଷେପ୍ ନେବାର୍ ଲାଗି ଜିଲ୍ଲା ପ୍ରଶାସନ୍ ତର୍‌ଫୁ କୁହାଯାଇଛେ ।

ସୈରିନ୍ଧ୍ରୀ ନାଏକ୍ ଫୁଟ୍‌ବଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ବର୍ଷିଆନ୍ କ୍ରୀଡ଼ା ସଂଘ ତର୍‌ଫୁ ସିଂପାଲି କିଷାନ୍ କ୍ଲବ୍ ଫୁଟ୍‌ବଲ୍ ପଡ଼ିଆ ନ ଚାଲିଥିବା ୨୫ ନମ୍ବର୍ ସୈରୀନ୍ଧ୍ରୀ ନାଏକ୍ ଟ୍ରଫି ହାଇସ୍କୁଲ୍ ସ୍ତରୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ର ଆଝିର୍ ଖେଲ୍‌ଥି ଚିପିଲିମା ହାଇସ୍କୁଲ୍ ୨/ଶୂନ୍ ଗୋଲ୍‌ଥି ଦିଲ୍ଲୀ ପବ୍ଲିକ୍ ସ୍କୁଲ୍‌କେ ହରେଇଛେ । ଆଉ ଗୁଟେ ଖେଲ୍‌ଥି ମୁଡେନ୍‌ପାଲିର୍ ଆଇ.ଜି. ହାଇସ୍କୁଲ୍ ୬/ଶୂନ୍ ଗୋଲ୍‌ଥି ବେଦିକ୍ ସ୍କୁଲ୍‌କେ ହରେଇଥିଲା । ଇଥି ୧୭ ଟା ହାଇସ୍କୁଲ୍‌ର ଫୁଟ୍‌ବଲ୍ ଟିମ୍ ଯୋଗ୍ ଦେଇଛନ୍ । ଇ ଟୁର୍ଣ୍ଣାମେଂଟ୍ ଆଏବା ୨୯ ତାରିଖ୍‌ତକ୍ ଚାଲ୍‌ବା ।